# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20 November – 2025

*********************************

## ମୁଖ୍ୟ ସମ୍ବାଦ

- ରାମେଶ୍ୱର–କୋଣାର୍କ–ପାରାଦ୍ୱୀପ ଉପକୂଳ ରାଜପଥ ପାଇଁ ୮ ହଜାର ୩୦୦ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମୂଲ୍ୟାଙ୍କନ କମିଟି
- ଇସ୍ପାତ କ୍ଷେତ୍ରରେ ଭାରତ ବିଶ୍ୱ ନେତୃତ୍ୱ ନେବାର କ୍ଷମତା ରଖିଛି; କହିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ
- ଗୋଆରେ ଆଜିଠାରୁ ଆରମ୍ଭ ହେଲା ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ

– ୱେଭ୍ସ ଫିଲ୍ମ ବଜାରକୁ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁର୍ଗନ

ଏବଂ

- ଓଡ଼ିଶା ବାଉଁଶ ହାଟ ଅନଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ

Desk

## ରାଜପଥ–ଅର୍ଥ ମଞ୍ଜୁର

ରାମେଶ୍ୱର–କୋଣାର୍କ–ପାରାଦ୍ୱୀପ ଉପକୂଳ ରାଜପଥ ପାଇଁ ୮ ହଜାର ୩୦୦ କୋଟି ଟଙ୍କା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମୂଲ୍ୟାଙ୍କନ କମିଟି ମଞ୍ଜୁର କରିଛନ୍ତି। ଓଡ଼ିଶା ଉପକୂଳ ଅଞ୍ଚଳ ପାଇଁ ଏହା ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପର୍ଯ୍ୟଟନର ବୃଦ୍ଧି, ସଂଯୋଗୀକରଣକୁ ସୁଦୃଢ଼ ଏବଂ ଓଡ଼ିଶାର ସ୍ପନ୍ଦନଶୀଳ ଉପକୂଳ ଅଞ୍ଚଳରେ ବ୍ୟାପକ ଆର୍ଥିକ ସୁଯୋଗକୁ ଏହା ଉନ୍ମୋଚନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ରାଜ୍ୟର ଉପକୂଳ ଅଭୂତପୂର୍ବ ବିକାଶ ଓ ସମୃଦ୍ଧି ଦେଖିବାକୁ ପ୍ରସ୍ତୁତ ରହିଛି। ରାଜ୍ୟ ସରକାର ପର୍ଯ୍ୟଟନ, ବନ୍ଦର ଏବଂ ଲଜିଷ୍ଟିକ୍ ହବ୍‌ଗୁଡ଼ିକୁ ସମସ୍ତ ସମର୍ଥନ ଯୋଗାଇ ଆସୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ଇସ୍ପାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଆତ୍ମନିର୍ଭରଶୀଳତାର ଉପଯୋଗ କରି ଦେଶର ଇସ୍ପାତ କ୍ଷେତ୍ରକୁ ଅଧିକ ସଶକ୍ତ କରାଯାଇପାରିଛି ବୋଲି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍.ଡି.କୁମାରସ୍ୱାମୀ କହିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ଚିନ୍ତନ ଶିବିରରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ କୁମାର ସ୍ୱାମୀ କହିଛନ୍ତି, ଇସ୍ପାତ କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେବାର କ୍ଷମତା ରଖିଛି। ସୁଦୃଢ ଭିତ୍ତିଭୂମି ଏବଂ ଇସ୍ପାତ କ୍ଷେତ୍ର ପାଇଁ ରହିଥିବା ଆନୁସଙ୍ଗିକ

ବ୍ୟବସ୍ଥାରେ ଉନ୍ନତି ଦେଶକୁ ବୈଷୟିକ ସ୍ତରରେ ଅଧିକ ଗତିଶୀଳ କରିପାରିଛି। ଇସ୍ପାତ କ୍ଷେତ୍ରରେ ଓଡିଶା ସରକାର ଗ୍ରହଣ କରିଥିବା ପଦକ୍ଷେପ ଦେଶର ଇସ୍ପାତ କ୍ଷେତ୍ରକୁ ଅଧିକ ସୁଦୃଢ କରିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ କହିଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ବର୍ମା କହିଛନ୍ତି, ବିକଶିତ ଭାରତ ସ୍ୱପ୍ନ ପୂରଣ କରିବାରେ ଇସ୍ପାତ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଦୁଇ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ରାଷ୍ଟ୍ର ନିର୍ମାଣରେ ଘରୋଇ ଇସ୍ପାତ କ୍ଷେତ୍ରର ଭୂମିକାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ବିଚାରମନ୍ଥନ, ସହଯୋଗ ଏବଂ ରଣନୀତିକ ସମନ୍ୱୟ ପାଇଁ ଏକ ମଞ୍ଚ ଭାବରେ ପରିକଳ୍ପନା କରାଯାଇଛି।

BBSR/R

## କେନ୍ଦୁପତ୍ର ତୋଳାଳିଙ୍କୁ ସହାୟତା

ରାଜ୍ୟରେ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଏବଂ ଋତୁକାଳୀନ କର୍ମଚାରୀଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ସରକାର ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ  ୪୧ କୋଟି ୧୭ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ୨୦୨୪ ଫସଲ ବର୍ଷ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ରାଜ୍ୟର କେନ୍ଦୁପତ୍ର ଆଧାରିତ ଶ୍ରମଜୀବୀଙ୍କ ସୁଯୋଗ ସୁବିଧା, ସୁରକ୍ଷାକୁ ବୃଦ୍ଧି କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

Desk

# ବିହାର - ମୁଖ୍ୟମନ୍ତ୍ରୀ ଶପଥଗ୍ରହଣ

ଏନ୍.ଡି.ଏ. ସଂସଦୀୟ ଦଳର ନେତା ଭାବେ ନିର୍ବାଚିତ ହେବା ପରେ ଜନତା ଦଳ ସଂଯୁକ୍ତ ମୁଖ୍ୟ ନିତିଶ କୁମାର ଆଜି ଦଶମଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ପଟନାର ଐତିହାସିକ ଗାନ୍ଧି ମଇଦାନଠାରେ ଅନୁଷ୍ଠିତ ସମାରୋହରେ ବିହାରର ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ନୀତିଶ କୁମାରଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀ କୁମାରଙ୍କ ସମେତ ମନ୍ତ୍ରିମଣ୍ଡଳର ୨୬ ଜଣ ସଦସ୍ୟ ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମାନେ ଉପସ୍ଥିତ ଥିଲେ।

ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ମଧ୍ୟଆଜି ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି । ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ବିଧାନସଭାର ସଦସ୍ୟଭାବେ ଶପଥ ଗ୍ରହଣ କରିବା ପରେ ନବନିର୍ବାଚିତ ବିଧାୟକ ଜୟ ଢୋଲକିଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

Desk

# ଆଇ.ଏଫ୍.ଏଫ୍.ଆଇ. - ଗୋଆ

ଗୋଆରେ ଆଜିଠାରୁ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.-୨୦୨୫ ଆରମ୍ଭ ହୋଇଛି। ଗୋଆ ରାଜ୍ୟପାଳ

ପଶୁପତି ଅଶୋକ ଗଜପତି ରାଜୁ, ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁର୍ଗନ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

ସିନେମା ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଆରମ୍ଭ ହୋଇଥିଲା ଐତିହ୍ୟ ପରେଡ୍‌ରୁ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶର ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ କଳା, ସଂସ୍କୃତି ଓ ସିନେମାକୁ ନେଇ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେବ।

ଚଳଚ୍ଚିତ୍ର ଉତ୍ସବରେ ଆଜି ଡକ୍ଟର ଏଲ୍.ମୁର୍ଗନ ୱେଭ୍‌ସ ଫିଲ୍ମ ବଜାର-୨୦୨୫କୁ ଉଦ୍‌ଘାଟନ କରିଛନ୍ତି। ଏହା ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ, କାର୍ଯ୍ୟକର୍ତ୍ତା ଏବଂ ନବସୃଜନକାରୀମାନଙ୍କୁ ଆଲୋଚନା ପାଇଁ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ଡକ୍ଟର ମୁର୍ଗନ କହିଛନ୍ତି, ୱେଭ୍‌ସ ବଜାର ନବସୃଜନକାରୀ ଏବଂ ବିଶ୍ୱ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବ।

କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି, ୱେଭ୍‌ସ ଫିଲ୍ମ ବଜାର ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ପ୍ରଥମ ଇ-ମାର୍କେଟ୍ ପ୍ଲେସ ସାବ୍ୟସ୍ତ ହୋଇଛି। ସିନେମା ସମ୍ବନ୍ଧୀୟ ଜ୍ଞାନକୌଶଳ ଆଦାନ ପ୍ରଦାନ

ଦିଗରେ ଏହା କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଚଳିତ ମାସ ୨୪ ତାରିଖ ପର୍ଯ୍ୟନ୍ତ ୱେଭ୍ସ ଫିଲ୍ମ ବଜାର ଜାରି ରହିବ।

ଏହି ଅବସରରେ କୋରିଆ ଗଣରାଜ୍ୟର ରାଷ୍ଟ୍ରୀୟ ଆସେମ୍ବ୍ଲିର ସଦସ୍ୟ ଏବଂ ସମ୍ମାନିତ ଅତିଥି ଜେୱନ କିନ୍ନେ 'ବନ୍ଦେ ମାତରମ୍' ରାଷ୍ଟ୍ରୀୟ ଗୀତ ଗାନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

**- V/O -**

ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏହି ମହୋତ୍ସବରେ ୮୦ରୁ ଅଧିକ ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଅଂଶଗ୍ରହଣ କରିବା ସହ ୨୭୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଉଛି।

ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତରେଣିଆ

BBSR/R

# ଔଷଧୀୟ ଉଦ୍ଭିଦ ସମ୍ମିଳନୀ

ବାଉଁଶ ଓଡ଼ିଶା ସବୁଜ ଶିଳ୍ପର ଏକ ପ୍ରମୁଖ ଅଂଶ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ସମ୍ପର୍କିତ ଜାତୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଖୁଣ୍ଟିଆ କହିଛନ୍ତି, ବିଶ୍ୱ ବର୍ତ୍ତମାନ ସ୍ଥାୟୀ ସାମଗ୍ରୀ, ପରିବେଶ ଅନୁକୂଳ ସ୍ଥାପତ୍ୟ ଏବଂ ପ୍ରାକୃତିକ ତନ୍ତୁ ଆଡ଼କୁ ଅଗ୍ରସର ହେଉଛି। ଔଷଧୀୟ ଉଦ୍ଭିଦ ଆମ ଜଙ୍ଗଲର ଆଉ ଏକ ଉପହାର

ଓ ବର୍ତ୍ତମାନ ସମୟରେ ଏହି ଉତ୍ପାଦର ବିଶାଳ ଚାହିଦା ରହିଛି ଏବଂ ଓଡ଼ିଶାକୁ ଏହି ସ୍ଥାନରେ ନିଜକୁ ଦୃଢ଼ ଭାବରେ ସ୍ଥାନିତ କରିବା ଦରକାର ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। କାର୍ଯ୍ୟକ୍ରମରେ ଚାରୋଟି ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଓଡ଼ିଶା ବାଉଁଶ ହାଟ ଅନଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି। ଏହି ସମ୍ମିଳନୀ ପାରମ୍ପରିକ ଜ୍ଞାନ ଏବଂ ପ୍ରକୃତି ସହ ଜନସାଧାରଣଙ୍କ ଗଭୀର ସମ୍ପର୍କକୁ ପ୍ରତିଫଳିତ କରିଥାଏ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

Desk

## ଶିଶୁ ଅଧିକାର ସମ୍ମିଳନୀ

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନଠାରେ ଶିଶୁ ଅଧିକାର ସମସ୍ୟା ଉପରେ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଯଦୁମଣି ମାହାଲ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ବବିତା ପାତ୍ର ଯୋଗଦେଇ ବିଦ୍ୟାଳୟ ଛାଡୁଥିବା ଏବଂ ଛାତ୍ରାବାସରୁ ସ୍ଥାନାନ୍ତର ରୋକିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟରେ ବିଭାଗୀୟ ସହଯୋଗକୁ ଦୃଢ଼ କରି ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ରୋକିବା ଉପରେ ସାମୂହିକ ସଚେତନତା ସୃଷ୍ଟି ଲାଗି ସେମାନେ ପରାମର୍ଶ ଦେଇଥିଲେ। ବୈଠକରୁ ଗତ ୬ ମାସରେ ୨୬ ହଜାରରୁ ଅଧିକ ଶିଶୁ

ସମ୍ପର୍କିତ ମାମଲାର ସମାଧାନ କରାଯାଇଥିବା ବେଳେ ୨ ହଜାର ୩୦୦ ଶିଶୁଙ୍କୁ ଉଦ୍ଧାର କରାଯାଇ ପୁନର୍ବାସ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି ।

Kendrapara

## ଏକତା ପଦଯାତ୍ରା

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇଠାରୁ ବାହାରି ପଦଯାତ୍ରାଟି ବିଭିନ୍ନ ଗ୍ରାମ ଅତିକ୍ରମ କରି ରାଜଗଡ଼ରେ ଶେଷ ହୋଇଥିଲା । ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଶ୍ରୀ ସୁରଜ କହିଥିଲେ, ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତ ବର୍ଷକୁ ଶକ୍ତିଶାଳୀ ରାଷ୍ଟ୍ରଭାବେ ଗଢ଼ିତୋଳିବା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରମୁଖ ଭୂମିକା ରହିଥିଲା । ଆଜିର ଯୁବପିଢ଼ି ଏହାକୁ ସ୍ମରଣ କରିବାର ଆବଶ୍ୟକତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

Nayagarh

## ପ୍ରାଣୀ ସମ୍ପଦ ମେଳା

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା କାର୍ଯ୍ୟାଳୟ ବ୍ଲକ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ଚାଷୀ ବିଶେଷଜ୍ଞମାନେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ

ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା ସହ ୧୨ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

Nayagarh

## ୱାକାଥନ ର୍‍ୟାଲି

ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ୭୨ତମ ସର୍ବଭାରତୀୟ ସମବାୟ ଉତ୍ସବ ଓ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଆଜି ୱାକାଥନ ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ତ୍ରିନାଥ ଛକରୁ ପୁରୁଣା ବଜାର ପର୍ଯ୍ୟନ୍ତ ଆୟୋଜିତ ର୍‍ୟାଲିରେ ନୟାଗଡ଼ ସମବାୟ ଉପନିବନ୍ଧକ ଅନନ୍ତ ନାରାୟଣ ନାୟକ, ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ । ସମବାୟ ସମିତି ମଧ୍ୟମରେ କୃଷକଙ୍କ ଆୟବୃଦ୍ଧି ଏହି ୱାକାଥନର ଉଦ୍ଦେଶ୍ୟ ଥିଲା ।

Kendrapara

## ଏକତା ପଦଯାତ୍ରା

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇଠାରୁ ବାହାରି ପଦଯାତ୍ରାଟି ବିଭିନ୍ନ ଗ୍ରାମ ଅତିକ୍ରମ କରି ରାଜଗଡ଼ରେ ଶେଷ ହୋଇଥିଲା । ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଶ୍ରୀ ସୁରଜ କହିଥିଲେ, ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତ ବର୍ଷକୁ ଶକ୍ତିଶାଳୀ ରାଷ୍ଟ୍ରଭାବେ ଗଢ଼ିତୋଳିବା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ

ପଟେଲଙ୍କ ପ୍ରମୁଖ ଭୂମିକା ରହିଥିଲା। ଆଜିର ଯୁବପିଢ଼ି ଏହାକୁ ସ୍ମରଣ କରିବାର ଆବଶ୍ୟକତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।